**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା**

**(ଭୂ-ଅର୍ଜନ ବିଭାଗ)**

**ସଂଖ୍ୟା- ୧୪୬୪୮ ତାରିଖ- ୨୦.୧୧.୨୦୨୩**

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟର ବିଜ୍ଞପ୍ତି ।

*****************************************************************************

ଏତଦ୍ଦ୍ୱାରା ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ତହସିଲ ଅଧିନସ୍ଥ ହିରମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ୪ ଗୋଟି ମୌଜା ଯଥା- ତୁମ୍ବେକେଲା, କୁମ୍ଭାରୀ,ତରେଇକେଲା,ଲୁହୁରେନକଛାର ଗ୍ରାମରେ ଇଡକୋ ( IDCO)ଭୁବନେଶ୍ୱର ଦ୍ୱାରା ଏନ୍.ଏଲ୍.ସି ଇଣ୍ଡିଆ ଲିମିଟେଡ୍ ପାଇଁ ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ତରେଇକେଲା ଠାରେ ତଲାବିରା ବିଦ୍ୟୁତ ୩୨୦୦ (୪x ୮୦୦) ମେଗାୱାଟ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଭୂମି ଅଧିଗ୍ରହଣ ସମ୍ବନ୍ଧରେ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟର "ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ -୨୦୧୩" ର ଧାରା ୭ ଉପଧାରା ୬ ଅନୁସାରେ ସର୍ବସାଧାରଣଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ପ୍ରକାଶନ କରାଗଲା ।

ସୁପାରିଶ ରିପୋର୍ଟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ହିରମା, ତହସିଲ କାର୍ଯ୍ୟାଳୟ ଝାରସୁଗୁଡ଼ା/ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ,ଝାରସୁଗୁଡ଼ା ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ାରେ ଉପଲବ୍ଧ ହେବ ।

୨୦.୧୧
ଜିଲ୍ଲାପାଳ, ଝାରସୁଗୁଡ଼ା

ପରିପତ୍ର ସଂଖ୍ୟା - ୧୪୬୫୦ ତାରିଖ ୨୦.୧୧.୨୦୨୩

ଏହାର ଏକକିତା ନକଲ ସଂପୃକ୍ତ ୪ ଗୋଟି ମୌଜାରେ ଜାରି କରାଯିବାକୁ ପ୍ରେରଣ କରାଗଲା ।

୨୦.୧୧
ଜିଲ୍ଲାପାଳ, ଝାରସୁଗୁଡ଼ା

ପରିପତ୍ର ସଂଖ୍ୟା - ୧୪୬୫୧ ତାରିଖ ୨୦.୧୧.୨୦୨୩

ଏହାର ଏକକିତା ନକଲ ହିରମା ଗ୍ରାମ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୨୦.୧୧
ଜିଲ୍ଲାପାଳ, ଝାରସୁଗୁଡ଼ା

ପରିପତ୍ର ସଂଖ୍ୟା - ୧୪୬୫୨ ତାରିଖ ୨୦.୧୧.୨୦୨୩

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ଝାରସୁଗୁଡ଼ା/ ତହସିଲଦାର ଝାରସୁଗୁଡ଼ା/ଶାସନ ସଚିବ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ, ସମ୍ବଲପୁର/ଯୁଗ୍ମ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଭୁବନେଶ୍ୱର/ମୁଖ୍ୟ ସାଧାରଣ ପରିଚାଳକ(ଜମି), ଇଡକୋ, ଭୁବନେଶ୍ୱର/ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ(ଏନ୍.ସି.ଡି.ଏସ୍)ଭୁବନେଶ୍ୱର/ ସିଗମା ରିସର୍ଚ୍ଚ ଏବଂ କନସଲଟାଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ନୂଆ ଦିଲ୍ଲୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

୨୦.୧୧
ଜିଲ୍ଲାପାଳ, ଝାରସୁଗୁଡ଼ା

ପରିପତ୍ର ସଂଖ୍ୟା - ୧୪୬୫୩ ତାରିଖ ୨୦.୧୧.୨୦୨୩

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ଜାତୀୟ ସୂଚନା କେନ୍ଦ୍ର ଝାରସୁଗୁଡ଼ାଙ୍କୁ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ଉକ୍ତ ବିଜ୍ଞାପନ ଟି ଜିଲ୍ଲାପାଳଙ୍କ ୱେବସାଇଟରେ ଯଥା ଶୀଘ୍ର ପ୍ରକାଶନ କରିବେ ।

୨୦.୧୧
ଜିଲ୍ଲାପାଳ, ଝାରସୁଗୁଡ଼ା

ତା: ୧୪.୧୧.୨୦୨୩ ରିଖ ସମୟ ଘ:୩.୦୦ ଟିକା ରେ ଆହ୍ୱାନ କରାଯାଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ଉପରେ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟ ।

**************************************************************************************

(ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ୪ ଗୋଟି ଗ୍ରାମ, ଯଥା:-ତୁମ୍ବେକେଲା, କୁମ୍ଭାରୀ, ତରେଇକେଲା, ଲୁହୁରେନକଛାର ଗ୍ରାମରେ ଇଡକୋ (IDCO), ଭୁବନେଶ୍ୱର ଦ୍ୱାରା ଏନ୍.ଏଲ୍.ସି ଇଣ୍ଡିଆ ଲିମିଟେଡ୍ ପାଇଁ ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ତରେଇକେଲା ଠାରେ ତଲାବିରା ବିଦ୍ୟୁତ ୩୨୦୦ (୪x ୮୦୦) ମେଗାୱାଟ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଭୂମି ଅଧିଗ୍ରହଣ ସମ୍ବନ୍ଧେ) ।

<u>ବୈଧାନିକ ବ୍ୟବସ୍ଥା</u>:-

ଇଡକୋ ( IDCO) ଭୁବନେଶ୍ୱର ଦ୍ୱାରା ଏନ୍.ଏଲ୍.ସି ଇଣ୍ଡିଆ ଲିମିଟେଡ୍ ପାଇଁ ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ତରେଇକେଲା ଠାରେ ତଲାବିରା ବିଦ୍ୟୁତ ୩୨୦୦ (୪x ୮୦୦) ମେଗାୱାଟ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ତହସିଲ ଅର୍ନ୍ତଗତ **ତୁମ୍ବେକେଲା, କୁମ୍ଭାରୀ, ତରେଇକେଲା, ଲୁହୁରେନକଛାର ଗ୍ରାମରେ ଏ ୪୭୧.୩୩୦ ଡି ବ୍ୟକ୍ତିଗତ ମାଲିକାନା ଭୁକ୍ତ ଜମି ଅଧିଗ୍ରହଣ ନିମନ୍ତେ ମୂଖ୍ୟ ସାଧାରଣ ପରିଚାଳକ (ଜମି), ଇଡକୋ, ଭୁବନେଶ୍ୱରଙ୍କ ଠାରୁ** ପ୍ରସ୍ତାବ ପ୍ରାପ୍ତ ହେବାପରେ ତତ୍ ସମ୍ପର୍କରେ ଜମି ଅଧିଗ୍ରହଣରେ ସ୍ୱଚ୍ଛତା ଏବଂ ନ୍ୟାୟ୍ୟ ସଙ୍ଗତ କ୍ଷତିପୂରଣ ଅଧିକାର ପୁର୍ନବାସ ଏବଂ ଥଇଥାନ ଆଇନ, ୨୦୧୩ ର ଧାରା ୪ ଅନୁଯାୟୀ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୁଚନା ନଂ: ୧୭୬୩୧ ତା: ୧୮.୦୫.୨୦୨୩ ରିଖରେ (ମୌଜା:- ତୁମ୍ବେକେଲା ଏ ୭୫.୫୭୦ ଡ଼ି, କୁମ୍ଭାରୀ ଏ ୧୨୬.୧୨୦ ଡ଼ି, ତରେଇକେଲା ଏ ୧୭୬.୮୧୦ ଡ଼ି ଓ ଲୁହୁରେନକଛାର ଏ ୯୨.୮୩ ଡ଼ି) ମୋଟ ଏ ୪୭୧.୩୩୦ ଡ଼ି ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

<u>ଅଧିସୂଚନା</u> :-

| କ୍ର.ନଂ | ତହସିଲ | ଗ୍ରାମ ପଞ୍ଚାୟତ | ଗ୍ରାମ | ବେସରକାରୀ ଜମି(ଏକର)ରେ |
|---|---|---|---|---|
| ୧ | ଝାରସୁଗୁଡ଼ା | ହିରମା | ତୁମ୍ବେକେଲା | ଏ ୭୫.୫୭୦ ଡ଼ି |
| ୨ | ଝାରସୁଗୁଡ଼ା | ହିରମା | କୁମ୍ଭାରୀ | ଏ ୧୨୬.୧୨୦ ଡ଼ି |
| ୩ | ଝାରସୁଗୁଡ଼ା | ହିରମା | ତରେଇକେଲା | ଏ ୧୭୬.୮୧୦ ଡ଼ି |
| ୪ | ଝାରସୁଗୁଡ଼ା | ହିରମା | ଲୁହୁରେନକଛାର | ଏ ୯୨.୮୩ ଡ଼ି |
| | | | ମୋଟ | **ଏ ୪୭୧.୩୩୦ ଡ଼ି** |

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ:-

ଓଡ଼ିଶା ସରକାରଙ୍କ ଅଧିସୂଚନା ମତେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲେପମେଣ୍ଟ ଷ୍ଟଡିଜ୍(ଏନ୍.ସି.ଡି.ଏସ୍ ) ଭୁବନେଶ୍ୱରଙ୍କୁ ନ୍ୟସ୍ତ କରାଯାଇଥିଲା । ତତ୍ ପଶ୍ଚାତ୍ ନବକୃଷ୍ଣ ଉନ୍ନୟନ କେନ୍ଦ୍ର, ସିଗମା ରିସର୍ଚ୍ଚ ଏବଂ କନସଲଟାଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ନୂଆ ଦିଲ୍ଲୀ, ସଂସ୍ଥା କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେକରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନ ସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସଂପୂର୍ଣ୍ଣ ବିବରଣୀ, ଜୀବିକା ଆୟର ପନ୍ଥା,ପରିବାରର ମୋଟ ବ୍ୟୟ, ପରିବାରର ଆସବାବ ପତ୍ର, ପ୍ରଭାବିତ ହେବାକୁ ଥିବା ଘର, ବ୍ୟବସାୟିକ ବା ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ ସାମାଜିକ ପ୍ରଭାବ ପରିଚାଳନା ଯୋଜନା (ଏସ୍ .ଆଇ.ଏମ୍.ପି) ମଧ୍ୟ ପ୍ରସ୍ତୁତ କରିଛନ୍ତି ।

**ଜନଶୁଣାଣୀ ଧାରା(୫) –**

ଜମି ଅଧିଗ୍ରହଣରେ ସ୍ୱଚ୍ଛତା ଏବଂ ନ୍ୟାୟସଙ୍ଗତ କ୍ଷତିପୂରଣ ଅଧିକାର ପୁର୍ନବାସ ଏବଂ ଥଇଥାନ ଆଇନ ୨୦୧୩ ଧାରା :୫ ଅନୁସାରେ ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତ ରେ ସର୍ବସାଧାରଣଙ୍କୁ ନିମ୍ନ ମତେ ଯଥେଷ୍ଟ ପୂର୍ବରୁ ନୋଟିସ ଏବଂ ପ୍ରଚାର ମାଧ୍ୟମରେ ଜଣାଇ ଦିଆଯାଇଥିଲା ।

| ତାରିଖ | ସମୟ | ଗ୍ରାମ | ଜନଶୁଣାଣୀର ସ୍ଥାନ |
|---|---|---|---|
| ୧୩.୧୦.୨୦୨୩ | ସକାଳ ଘ ୧୧.୦୦ ଟିକା | ତୁମ୍ବେକେଲା, କୁମ୍ଭାରୀ, ତରେଇକେଲା ଓ ଲୁହୁରେନକଛାର | ଗରିଆଡିହି ଉ:ପ୍ରା:ବିଦ୍ୟାଳୟର ସମ୍ମୁଖ ପଡିଆ, ହିର୍ମା |

ଆୟୋଜିତ ଜନଶୁଣାଣୀର ବିଷଦ ବିବରଣୀ ଚୁଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣନା ହୋଇଅଛି । ଜନଶୁଣାଣୀ ସମୟରେ କ୍ଷତିଗ୍ରସ୍ତ ତଥା ଗ୍ରାମବାସୀ ମାନେ ବହୁ ସଂଖ୍ୟାରେ ଯୋଗଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ଯଦି ସେମାନଙ୍କର ଯଥାର୍ଥ ଦାବୀର ପରିପୂରଣ କରାଯିବ ତେବେ ସେମାନେ ଗାଁ ଛାଡ଼ିବେ ଓ ପ୍ରକଳ୍ପ କର୍ତୃପକ୍ଷଙ୍କୁ ନିର୍ମାଣ କାର୍ଯ୍ୟଧାରା ପାଇଁ ଅନୁମତି ଦେବେ ବୋଲି ପ୍ରକାଶ କରିଥିଲେ ।ଜନଶୁଣାଣୀ ସମୟରେ ନିମ୍ନ ଲିଖିତ ସଦସ୍ୟ ଓ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

୧. ଶ୍ରୀଯୁକ୍ତ ଲଙ୍କେଶ୍ୱର ଅମାତ୍, ଓ:ପ୍ର:ସେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଝାରସୁଗୁଡ଼ା ।

୨. ଶ୍ରୀଯୁକ୍ତ ଉମାକାନ୍ତ ପ୍ରଧାନ , ଓ:ରା:ସେ, ଭୂ-ଅର୍ଜନ ଅଧିକାରୀ, ଝାରସୁଗୁଡ଼ା ।

୩. ଶ୍ରୀଯୁକ୍ତ ଦିନବନ୍ଧୁ ପିଙ୍ଗୁଆ , ସହକାରୀ ଜିଲ୍ଲାପାଳ, ଝାରସୁଗୁଡ଼ା ।

୪. ଶ୍ରୀଯୁକ୍ତ ପି. ସି. ଭୋଇ , ବି.ଡି.ଓ, ଝାରସୁଗୁଡ଼ା ।

୫. ଶ୍ରୀଯୁକ୍ତ ଅକ୍ଷୟ କୁମାର ପରିଡ଼ା, ସିଗମା ରିସର୍ଚ୍ଚ ଏବଂ କନସଲଟାଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ନୂଆ ଦିଲ୍ଲୀ ।

୬. ସମସ୍ତ ଜମି ହରା ପ୍ରଜା ଏବଂ ଅନ୍ୟ ଗ୍ରାମବାସୀ ବୃନ୍ଦ ।

ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ ଆଦେଶାନୁସାରେ ଅତିରିକ୍ତ ଜିଲ୍ଲାପାଳ, ଜନଶୁଣାଣୀ ସଭାର ସଭାପତିତ୍ୱ କରିଥିଲେ । ସଭାପତି ସଭାରେ ଅତିଥି ପରିଚୟ ପ୍ରଦାନ ସହ ପ୍ରକଳ୍ପ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଶ୍ରୀଯୁକ୍ତ ଶ୍ରୀଯୁକ୍ତ ଅକ୍ଷୟ କୁମାର ପରିଡ଼ା, ସିଗମା ରିସର୍ଚ୍ଚ ଏବଂ କନସଲଟାଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍, ନୂଆ ଦିଲ୍ଲୀ, ସମସ୍ତଙ୍କୁ ସ୍ୱାଗତ ଜଣାଇ ଉକ୍ତ ସଭାର ତାତ୍ପର୍ଯ୍ୟ ଓ କରାଯାଇଥିବା ସାମାଜିକ ପ୍ରଭାବ ଅଧ୍ୟୟନର ବିସ୍ତୃତ ବିବରଣୀ, ଉଦ୍ଦେଶ୍ୟ,ପଦ୍ଧତି ତଥ୍ୟ ସଂଗ୍ରହ, ସାମାଜିକ/ଅର୍ଥନୈତିକ କ୍ଷୟକ୍ଷତିର ଅଧ୍ୟୟନ ଏବଂ

ତାହାର ଆକଳନ ଓ ଅନ୍ୟାନ୍ୟ ସୂଚନା ଆଦି ସର୍ବସାଧାରଣ ଓ ହିତାଧିକାରୀଙ୍କ ସମ୍ମୁଖରେ ସଂକ୍ଷିପ୍ତରେ ଉପସ୍ଥାପନା କରିଥିଲେ । ଏହା ପରେ ସଭାପତି ମହୋଦୟ ପ୍ରକଳ୍ପ ପ୍ରଭାବିତ ଚାରୋଟି ଗ୍ରାମର ଗ୍ରାମବାସୀ ମାନଙ୍କୁ ପ୍ରକଳ୍ପ ଓ ସେମାନଙ୍କ କ୍ଷୟକ୍ଷତି ବିଷୟରେ ନିଜ ନିଜର ବକ୍ତବ୍ୟ ଦେବାକୁ ଆହ୍ୱାନ କରିଥିଲେ । ଏହାପରେ ଏନ୍.ଏଲ୍.ସି ଇଣ୍ଡିଆ ଲିମିଟେଡ୍ ସଂସ୍ଥାର ଶ୍ରୀ ପ୍ରଭଞ୍ଜନ ମହାପାତ୍ର, ମୁଖ୍ୟ ପରିଚାଳକ (ମାନବ ସମ୍ବଳ), ଉପସ୍ଥିତ ଜନତା ତଥା ହିତାଧିକାରୀ ମାନଙ୍କର ସମସ୍ତ ଜିଜ୍ଞାସା ଓ ପ୍ରଶ୍ନର ଉତ୍ତର ଦେଇଥିଲେ, ତତ୍ ସହିତ କମ୍ପାନୀ ଦ୍ୱାରା କ୍ଷତିଗ୍ରସ୍ତ ସମସ୍ତ ହିତାଧିକାରୀଙ୍କର ଥଇଥାନ ଓ ପୁନର୍ବସତି ପାଇଁ କମ୍ପାନିର ଆଭିମୂଖ୍ୟ ଓ ପଦକ୍ଷେପ ବିଷୟରେ ସଂପୂର୍ଣ୍ଣ ବର୍ଣ୍ଣନା କରିଥିଲେ । ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକୁ ଇଡକୋ ( IDCO) ଭୁବନେଶ୍ୱର ଦ୍ୱାରା ଏନ୍.ଏଲ୍.ସି ଇଣ୍ଡିଆ ଲିମିଟେଡ୍ ପାଇଁ ଝାରସୁଗୁଡ଼ା ଜିଲ୍ଲାର ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ତରେଇକେଲା ଠାରେ ତଲାବିରା ବିଦ୍ୟୁତ ୩୨୦୦ (୪x ୮୦୦) ମେଗାୱାଟ ପ୍ରକଳ୍ପ ପ୍ରତିଷ୍ଠା ବିଷୟରେ ସଚେତନ କରାଇବା ସହ ପ୍ରଭାବିତ ପରିବାର, ସମାଜ, ଗୋଷ୍ଠୀ ଏବଂ ସାମାଜିକ ସାଂସ୍କୃତିକ ପରିବେଶ ଉପରେ ଉଭୟ ସକରାତ୍ମକ ଏବଂ ନକରାତ୍ମକ ପ୍ରଭାବ ବିଷୟରେ ସୂଚନା ଦେଇଥିଲେ ।

<u>ପ୍ରକାଶନ ଧାରା-୬</u> :-

ସମସ୍ତ ୪ ଗୋଟି ପ୍ରଭାବିତ ଗ୍ରାମର ଜନଶୁଣାଣୀ ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀକୁ ଆଇନର ଧାରା ୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଅଛି ।

<u>ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ର ମୂଲ୍ୟାୟନ ଓ ସୁପାରିଶଧାରୀ – ୭</u>:-

ଜମି ଅଧିଗ୍ରହଣରେ ସ୍ୱଚ୍ଛତା ଏବଂ ନ୍ୟାଯ୍ ସଙ୍ଗତ କ୍ଷତିପୂରଣ ଅଧିକାର ପୁର୍ନବାସ ଏବଂ ଥଇଥାନ ଆଇନ-୨୦୧୩ ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡ଼ାନ୍ତ ରିପୋର୍ଟକୁ ଅନୁଧ୍ୟାନ କରିବାପରେ ଏହାର ମୁଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି ।

ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳରେ ମନୋନୀତ ହୋଇଥିବା ନିମ୍ନ ଲିଖିତ ବ୍ୟକ୍ତି ବିଶେଷ ମାନେ ଉପସ୍ଥିତ ରହି ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

୧- ଶ୍ରୀ ଲଙ୍କେଶ୍ୱର ଅମାତ, ଓ.ପ୍ର.ସେ. (ବ), ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଝାରସୁଗୁଡ଼ା ।

୨- ଶ୍ରୀମତୀ ଆଲୋମଣୀ ସେଠୀ, ଓ.ପ୍ର.ସେ (ଏସ୍.ଏ.ଜି), ପ୍ରକଳ୍ପ ନିର୍ଦ୍ଦେଶକ ପୁନର୍ବାସ ଓ ଥଇଥାନ, ଝାରସୁଗୁଡ଼ା

୩- ଶ୍ରୀ ବିଶ୍ୱକେଶନ ପାଣ୍ଡେ, ଓ.ଏ.ଏସ୍ (ଜେ.ବି), ଭୂ-ଅର୍ଜନ ଅଧିକାରୀ, ଝାରସୁଗୁଡ଼ା

୪- ଶ୍ରୀ ବସନ୍ତ କୁମାର ହାତୀ, ତହସିଲଦାର, ଝାରସୁଗୁଡ଼ା, ।

୫- ଶ୍ରୀ ତପନ ସାହୁ, ରାଜନୀତି ବିଜ୍ଞାନ ଅଧ୍ୟାପକ, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ, ଝାରସୁଗୁଡ଼ା ।

୬- ସେଫାଲି ଦେବୀ, ଅର୍ଥଶାସ୍ତ୍ର ଅଧ୍ୟାପକ, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ, ଝାରସୁଗୁଡ଼ା ।

୭- ସରପଞ୍ଚ, ହିରମା ଗ୍ରାମ ପଞ୍ଚାୟତ, ଝାରସୁଗୁଡ଼ା ।

୮- ସହକାରୀ ଜମି ଅଧିକାରୀ, ଇଡକୋ, ସମ୍ବଲପୁର ।

୯- କର୍ତୃପକ୍ଷ, ଏନ୍:ଏଲ୍:ସି, ଇଣ୍ଡିଆ, ଲିମିଟେଡ୍ ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ**

ଜମି ଅଧିଗ୍ରହଣରେ ସ୍ୱଚ୍ଛତା ଏବଂ ନ୍ୟାୟସଙ୍ଗତ କ୍ଷତିପୂରଣ ଅଧିକାର ପୁର୍ନବାସ ଏବଂ ଥଇଥାନ ଆଇନ, ୨୦୧୩ ର ଧାରା ୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ଚୁଡାନ୍ତ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞଦଳଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା: ୧୪-୧୧-୨୦୨୩ ରିଖ ଅପରାହ୍ନ ଘ ୩.୦୦ ଟିକା ସମୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କରାଯାଇଥିଲା ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟ ଓ ମୂଲ୍ୟାୟନ**

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞଦଳ ସନ୍ତୋଷ ପ୍ରକାଶ କରିଥିଲେ । ଭାରତ ସରକାରଙ୍କର କୋଇଲା ମନ୍ତ୍ରାଳୟ ଅଧିନସ୍ଥ କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ଏନ୍.ଏଲ୍.ସି ଇଣ୍ଡିଆ ଲିଃ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ କ୍ଷେତ୍ରରେ ନିଜର ଏନ୍.ଏଲ୍.ସି:ଆଇ:ଏଲ୍: ତଲାବିରା ତାପଜ ବିଦ୍ୟୁତ ପ୍ରକଳ୍ପ ସଂସ୍ଥାପନ ପାଇଁ ଯୋଜନା ବଦ୍ଧ ହୋଇଛି। ପ୍ରସ୍ତାବିତ ପ୍ରକଳ୍ପ ଏନ୍.ଏଲ୍.ସି: ତଲାବିରା ତାପଜ ବିଦ୍ୟୁତ କାରଖାନା (୪x୮୦୦ ମେଗା ୱାଟ) ବିଭିନ୍ନ ରାଜ୍ୟକୁ ବିଦ୍ୟୁତ ଯୋଗାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଘରୋଇ ରାଜ୍ୟ ଓଡ଼ିଶା ଏହି ଶକ୍ତି ପ୍ରକଳ୍ପରୁ ୪୦୦ ମେଗାୱାଟ ବିଦ୍ୟୁତ ନେବାର ସମ୍ମତି ପ୍ରକାଶ କରିଛି । ଜନଶୁଣାଣୀ ରେ ଉତଥାପନ କରାଯାଇଥିବା କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନ ମତେ ଆଲୋଚନା କରାଯାଇଥିଲା ।

ଉପରୋକ୍ତ ନିର୍ଣ୍ଣୟ ସମୂହର ଭିତ୍ତିରେ ସାମାଜିକ ପ୍ରଭାବ ପରିଚାଳନା ଓ ପ୍ରଶମନ ପାଇଁ ପ୍ରକଳ୍ପ ପ୍ରସ୍ତାବିତଙ୍କ ବିଚାର ନିମନ୍ତେ ନିମ୍ନୋକ୍ତ ଅନୁମୋଦନମାନ ପ୍ରଦତ୍ତ ହେଲା ।

୧-ସମସ୍ତ ଆଗ୍ରହୀ ବିସ୍ଥାପିତ ପରିବାରଙ୍କୁ ଏକ ଉପଯୁକ୍ତ ସ୍ଥାନ ବା ରାସ୍ତା ସଂଯୋଗ ସୁବିଧା ଥିବା ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ପୁନର୍ବାସ କଲୋନୀରେ ଥଇଥାନ । ଲୋକମାନେ ପ୍ରସ୍ତାବିତ ପ୍ରକଳ୍ପର ସମବର୍ତ୍ତୀ ଅଞ୍ଚଳରେ ରହିବା ପାଇଁ ତଥା ଦୂରସ୍ଥାନକୁ ନଯିବା ପାଇଁ ଅପେକ୍ଷା କୃତ ଅଧିକ ପସନ୍ଦ କରିଥିଲେ ।

୨-କୁମ୍ଭାରୀ ତଥା ଗରିଆଡିହି କିଷାନ ପଡ଼ାର କିଛି ଗ୍ରାମବାସୀ ମତ ଦେଇଥିଲେ ଯେ ସେମାନେ ବର୍ତ୍ତମାନ ରହୁଥିବା ଗ୍ରାମର ପାଖରେ ଆବାସିକ କଲୋନୀ ଚାହୁଁଛନ୍ତି । ପସନ୍ଦଯୋଗ୍ୟ ସ୍ଥାନ ବିଷୟରେ ପଚାରିବାରୁ ଏସ୍.ଏମ୍.ସି.ପାୱାର ସାମାନାରେ ଥିବା ଖାଲି ଜମିକୁ ସେମାନଙ୍କ ପାଇଁ ଏକ ଆବାସିକ କଲୋନିରେ ରୁପାନ୍ତରିତ କରିବାକୁ ଚାହୁଁଛନ୍ତି ବୋଲି ସେମାନେ କହିଥିଲେ ଓ ଏହାର କାରଣ ସ୍ୱରୁପ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏସ୍:ଏମ୍:ସି ପାୱାରରେ କାମ କରୁଥିବା ଓ ସେମାନଙ୍କ ଗ୍ରାମ ପଞ୍ଚାୟତ ହିରମା ହୋଇଥିବାରୁ ସେମାନଙ୍କ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ ସାମଗ୍ରୀ, ବାର୍ଦ୍ଧକ୍ୟ ତଥା ବିଧବା ଭତ୍ତାସଂଗ୍ରହ ପାଇଁ ଏହା ସୁବିଧାଜନକ ହୋଇଥିବାରୁ ସେଠାରେ ରହିବାକୁ ପସନ୍ଦ କରୁଥିବା ବିଷୟରେ କହିଥିଲେ । ତରେଇକେଲା ଗ୍ରାମର କିଛି ପ୍ରତିକ୍ରିୟାଦାତା ବଡ଼ମାଳ ଗ୍ରାମର ଏକ ଭୂମି ଖଣ୍ଡ (ବଡ଼ମାଳ ଥାନା ପଶ୍ଚାତ ଭାଗରେ ଥିବା ସରକାରୀ ଜମି) ରେ ସେମାନଙ୍କ ପାଇଁ ଉପଯୁକ୍ତ ବାସସ୍ଥାନ ହୋଇ ପାରିବ ବୋଲି କହିଥିଲେ ।

୩-ସ୍ୱାସ୍ଥ୍ୟ ସେବା ସୁବିଧା, ସେମାନଙ୍କ ଉପରେ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କ ପାଇଁ ଶିକ୍ଷାନୁଷ୍ଠାନ, ଗୋଷ୍ଠୀ କେନ୍ଦ୍ର (କଲ୍ୟାଣ ମଣ୍ଡପ), ମନ୍ଦିର, ବଜାରସ୍ଥଳୀ, ବିଦ୍ୟୁତ ଓ ପାନୀୟଜଳ ଯୋଗାଣ ଓ କଲୋନୀ ପରିପାର୍ଶ୍ୱରେ ଜଳାଶୟ ରହିବା ଅବଶ୍ୟକ ।

୪- ପୁନର୍ବାସ କଲୋନୀରେ ଅଙ୍ଗନବାଡ଼ି କେନ୍ଦ୍ର, ଯୁବକ ସଂଘ, କିର୍ତ୍ତନମଣ୍ଡପ (ଭଜନ ମଣ୍ଡଳୀ) ଓ ଖେଳ ପଡ଼ିଆର ସୁବିଧା ରହିବା ଉଚିତ୍ ।

୫- ତରେଇକେଲାର ଗ୍ରାମବାସୀବୃନ୍ଦ ସେମାନେ ପୂଜା କରୁଥିବା ସମଲେଶ୍ୱରୀ ଦେବୀଙ୍କ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିରକୁ ସେମାନେ ରହିବାକୁ ଥିବା ପୁନର୍ବାସ କଲୋନୀକୁ ସ୍ଥାନାନ୍ତର କରିବାକୁ ଚାହୁଁଥିବା ସ୍ଥଳେ, କୁମ୍ଭାରୀ ଗ୍ରାମବାସୀ ବର୍ତ୍ତମାନ ପୂଜା କରୁଥିବା ଭଗବାନ ଶିବ ଓ ହନୁମାନ ମନ୍ଦିରକୁ ପୁନର୍ବାସ କଲୋନୀକୁ ସ୍ଥାନାନ୍ତରିତ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ ।

୬- ପ୍ରସ୍ତାବିତ ପ୍ରକଳ୍ପରେ ବିସ୍ଥାପିତ ତଥା ପ୍ରଭାବିତ ପରିବାରର ମୁଖ୍ୟ/ସନ୍ତାନ ସନ୍ତତି/ନିର୍ଭରଶୀଳ ବ୍ୟକ୍ତି ବିଶେଷଙ୍କ ପାଇଁ ଉପଯୁକ୍ତ ଚାକିରୀ ତଥା ନିଯୁକ୍ତି ସୁବିଧା ଉପଲବ୍ଧ କରାଇବା ।

୭-ପ୍ରସ୍ତାବିତ ପ୍ରକଳ୍ପରେ ଏକ ସଂସ୍ଥା ବା ସୋସାଇଟି ଗଠନ କରି ବିସ୍ଥାପିତ ତଥା ପ୍ରଭାବିତ ପରିବାରର ନିର୍ଭରଶୀଳ ବ୍ୟକ୍ତି ବିଶେଷ ଯେପରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସଂପୃକ୍ତ ହୋଇ ସେମାନଙ୍କ ଜୀବିକା ଉପାର୍ଜନ କରିପାରିବେ ତାହା ସୁନିଶ୍ଚିତ କରିବା, ଯଦ୍ୱାରା ବିସ୍ଥାପିତ ଓ ପ୍ରଭାବିତ ପରିବାରର ଯେଉଁ ସଦସ୍ୟମାନେ ନିଯୁକ୍ତି ପାଇଁ ବୟସ ସୀମା ଅତିକ୍ରମ କରିସାରିଛନ୍ତି, ସେମାନେ ଏତଦ୍ୱାରା ଉପକୃତ ହେବେ ।

୮- ପ୍ରସ୍ତାବିତ ପ୍ରକଳ୍ପ କ୍ଷେତ୍ରରେ ଅଧିକାଂଶ ଜନସାଧାରଣ ସେମାନଙ୍କ ଭୂମି, ଘର ତଥା ସ୍ଥାୟୀ ସମ୍ପଦ ନିମନ୍ତେ ଉପଯୁକ୍ତ ଆର୍ଥିକ କ୍ଷତିପୂରଣ ପାଇଲେ ହିଁ ସେମାନଙ୍କ ଘର ଛାଡ଼ିବେ ଯେହେତୁ ଜମିର ମୂଲ୍ୟ ସର୍ବାଧିକ ହୋଇଥିବାରୁ ସେମାନଙ୍କୁ ତଦନୁସାରେ କ୍ଷତିପୂରଣ ଦିଆଯାଉ ବୋଲି ମତବ୍ୟକ୍ତ କରିଥିଲେ ।

୯- କୁମ୍ଭାରୀ ଶିବିରରେ ଥିବା ମତ୍ସ୍ୟଜୀବି ଗୋଷ୍ଠୀ ଯେଉଁମାନେ ସ୍ଥାନୀୟ ଭାଷାରେ ମାଝୀ/କେଉଟ ହିସାବରେ ପରିଚିତ, ଭେଡେନ ନଦୀରୁ ମାଛଧରି ସେମାନଙ୍କ ଗୁଜୁରାଣ ମେଣ୍ଟାଇଥାନ୍ତି, ସେମାନେ ବିସ୍ଥାପନ ପରେ ସେମାନଙ୍କ ଜୀବିକାର ଥଇଥାନ ପାଇଁ ଅଗ୍ରାଧିକାର ଦିଆଯିବା ଉଚିତ ।

୧୦- ବିସ୍ଥାପିତ ତଥା ପ୍ରଭାବିତ ପରିବାରର ଯେଉଁ ସଦସ୍ୟମାନେ ୮ମ ଶ୍ରେଣୀରୁ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବେ ସେମାନଙ୍କ ପାଇଁ ବୃତ୍ତିଗତ କୌଶଳ ପ୍ରଶିକ୍ଷଣର ବ୍ୟବସ୍ଥା ।

୧୧- ପ୍ରକଳ୍ପ ତଥା ସହାୟକ ସଂସ୍ଥା ମାନଙ୍କରେ ବୃତ୍ତିଗତ ପ୍ରଶିକ୍ଷଣ ପାଇଥିବା ପରିବାରର ସଦସ୍ୟଙ୍କ ଉପାର୍ଜନ ନିମନ୍ତେ ନିଯୁକ୍ତି ସୁଯୋଗ ରଖାଯାଉ । ଏଥିରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତି ବିଶେଷକୁ ଅଧିକ ଧ୍ୟାନ ଦିଆଯାଉ ।

୧୨- ବିସ୍ଥାପିତ ତଥା ପ୍ରଭାବିତ ପରିବାରର ବ୍ୟକ୍ତି ବିଶେଷଙ୍କୁ ଆଧୁନିକ ସ୍ୱାସ୍ଥ୍ୟ ସେବା ସୁବିଧା ଥିବା ଚିକିତ୍ସାଳୟ ବିଶେଷ କରି କମ୍ପାନୀର ନିଜସ୍ୱ ଚିକିତ୍ସାଳୟରେ ମାଗଣା ରୋଗ ନିରୂପଣ ଓ ଚିକିତ୍ସା ସୁବିଧା ଦିଆଯିବା ଉଚିତ୍ ।

୧୩- କମ୍ପାନୀ ଦ୍ୱାରା ପରିଚାଳିତ ବିଦ୍ୟାଳୟ ମାନଙ୍କରେ ବିସ୍ଥାପିତ ତଥା ପ୍ରଭାବିତ ପରିବାରର ସନ୍ତାନ ସନ୍ତତିଙ୍କୁ ତଥା ନିର୍ଭରଶୀଳ ବ୍ୟକ୍ତିଙ୍କୁ ନିଃଶୁଳ୍କ ଶିକ୍ଷା ଦିଆଯାଉ । ଜନସାଧାରଣଙ୍କ ଧାରଣା ଯେ କମ୍ପାନୀ ନିଜର କର୍ମଚାରୀଙ୍କ ପିଲାଙ୍କ ନାମଲେଖା ଓ ମାଗଣା ଶିକ୍ଷା ପାଇଁ ସର୍ବଶ୍ରେଷ୍ଠ ବିଦ୍ୟାଳୟର ସ୍ଥାପନା କରିବ । ଏଥିରେ ସେମାନଙ୍କର ପିଲାମାନଙ୍କୁ ମାଗଣା ଶିକ୍ଷା ମଧ୍ୟ ଦିଆଯାଉ ।

୧୪- କୁମ୍ଭାରୀ ଠାରେ ଥିବା ଆଦିବାସୀ କନ୍ୟାଶ୍ରମ ବିଦ୍ୟାଳୟକୁ ପୁନର୍ବାସ କଲୋନୀକୁ ସ୍ଥାନାନ୍ତରଣ କରିବା ।

୧୫- ପ୍ରଭାବିତ କ୍ଷେତ୍ର ତଥା ପୁନର୍ବାସ କଲୋନୀରେ କାର୍ଯ୍ୟରତ ସ୍ୱୟଂସହାୟକ ଗୋଷ୍ଠୀ ଜରିଆରେ ମହିଳାମାନଙ୍କୁ ପ୍ରଶିକ୍ଷଣ ଓ ବଜାର ସଂଯୋଗୀକରଣ ସୁବିଧା ସୁନିଶ୍ଚିତ କରାଯିବା ଉଚିତ ।

୧୬- ବ୍ୟକ୍ତିଗତ ତଥା ଦଳଗତ ଅର୍ଥ ଉପାର୍ଜନକାରୀ କାର୍ଯ୍ୟକ୍ରମର ଆରମ୍ଭ ପାଇଁ ଋଣ ନିମନ୍ତେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଆବର୍ତ୍ତନଶୀଳ ପାଣ୍ଠି ପ୍ରଦାନ ତଥା ଅନୁଷ୍ଠାନିକ ଆର୍ଥିକ ସଂସ୍ଥା ସହ ସେମାନଙ୍କର ସଂଯୋଗୀକରଣ ଆବଶ୍ୟକ ।

୧୭- ପ୍ରଭାବିତ ଗ୍ରାମମାନଙ୍କର ଲୋକମାନଙ୍କୁ ଉନ୍ନତ କୃଷିଗତ ଅଭ୍ୟାସ ନିମନ୍ତେ କୃଷି ସମ୍ପ୍ରସାରଣ ସେବା ପ୍ରଦାନ ଯଦ୍ଵାରା କୃଷିଗତ ଉତ୍ପାଦକତା ଓ ଆୟବୃଦ୍ଧି ସହ ପ୍ରଭାବିତ ପରିବାରର ସଦସ୍ୟଙ୍କ ଦ୍ଵାରା ପରିଚାଳିତ କୃଷିକାର୍ଯ୍ୟକୁ ଅଧିକ ଲାଭଜନକ କରାଯାଇପାରିବ ।

୧୮- ପ୍ରକଳ୍ପ କ୍ଷେତ୍ର ତଥା ଏହାର ପରିପାର୍ଶ୍ଵରେ ସ୍ଵତନ୍ତ୍ର ବୃକ୍ଷରୋପଣ ଅଭିଯାନର କାର୍ଯ୍ୟକାରିତା ସୁନିଶ୍ଚିତ କରାଯିବା ଉଚିତ । ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ବୃହତ ଶିଳ୍ପସଂସ୍ଥା ଯଥା ଭୁଷଣଷ୍ଟିଲ ଏଣ୍ଡ ପାୱାର, ବେଦାନ୍ତ ଆଲୁମିନିୟମ ଏବଂ ଏସ୍:ଏମ୍:ସି ପାୱାର ଏଣ୍ଡ ଷ୍ଟିଲ ଆଦି କାର୍ଯ୍ୟ କରୁଛନ୍ତି । ପ୍ରସ୍ତାବିତ ପ୍ରକଳ୍ପ କ୍ଷେତ୍ରର ଜନସାଧାରଣ (ଉଭୟ ବିସ୍ଥାପିତ ଓ ପ୍ରଭାବିତ) ପ୍ରଦୁଷଣ ଦ୍ଵାରା କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ମତ ଦେଇଥିଲେ । ପ୍ରକଳ୍ପ ପକ୍ଷରୁ ପରିବେଶର ପର୍ଯ୍ୟାପ୍ତ ଯତ୍ନ ନିଆଗଲେ ପ୍ରକଳ୍ପ ପାରିପାର୍ଶ୍ଵିକ କ୍ଷେତ୍ରର ଗ୍ରାମବାସୀମାନେ ପ୍ରଦୂଷଣ ଦ୍ଵାରା କ୍ଷତିଗ୍ରସ୍ତ ହେବେ ନାହିଁ। ଏହି ଅଞ୍ଚଳର ଅଧିବାସୀମାନେ ପ୍ରଦୂଷଣର ଶିକାର ହେଉଛନ୍ତି । ତେଣୁ ପ୍ରକଳ୍ପ କର୍ତୃପକ୍ଷଙ୍କ ଦ୍ଵାରା ଜଳ, ଜମି ଓ ଆକାଶ, ଓ ସମସ୍ତ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ।

୧୯- ପୁନର୍ବାସ କଲୋନୀକୁ ସ୍ଥାନାନ୍ତରଣ ପରେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଉଥିବା ତଥା ପି:ଡି:ଏସ୍ ସାମଗ୍ରୀ ଆଣୁଥିବା ହିତାଧିକାରୀ ମାନେ ସମସ୍ୟାର ସମ୍ମୁଖୀନ ହେବେ । ପଞ୍ଚାୟତ କାର୍ଯ୍ୟାଳୟ ହିରମା ଠାରେ ଅବସ୍ଥିତ। ତେଣୁ ବିସ୍ଥାପିତ ବ୍ୟକ୍ତି ବିଶେଷଙ୍କୁ ସାମାଜିକ ସୁରକ୍ଷା , ପେନ୍‌ସନ ତଥା ସାଧାରଣ ବଣ୍ଟନ ବ୍ୟବସ୍ଥା ସାମଗ୍ରୀ ଉପଲବ୍ଧ କରାଇବା ନିମନ୍ତେ କର୍ତୃପକ୍ଷ ସମସ୍ୟା ସମାଧାନ ପୂର୍ବକ ପ୍ରକ୍ରିୟାକୁ ତ୍ଵରାନ୍ଵିତ କରିବା ଆବଶ୍ୟକ ।

୨୦- ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରୁ ବାଦ ପଡ଼ିଥିବା ବୃଦ୍ଧ, ବୃଦ୍ଧା ଓ ବିଧବାଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ଖାଦ୍ୟ ସାମଗ୍ରୀର ସୁବିଧା ଲାଭ ପାଇଁ ସଂପୃକ୍ତ ଯୋଜନା ସହ ସଂଯୋଗୀକରଣ କରିବା ।

୨୧- ବିସ୍ଥାପିତ ଗ୍ରାମ ମାନଙ୍କର ଅବସ୍ଥାବିତ ଯେଉଁ ଅଧିବାସୀଙ୍କର ନିଜସ୍ଵ ଜମି ନ ଥିବ ସେମାନଙ୍କୁ ପୁନର୍ବାସ ସୁବିଧା ପ୍ରଦାନ କରିବା ।

୨୨- ବିସ୍ଥାପିତ ଓ ପ୍ରଭାବିତ ଅଧିକାଂଶ ପରିବାର ଟଙ୍କା ଆକାରରେ ସହାୟତା ପାଇଁ ଇଚ୍ଛା ପ୍ରକାଶ କଲେ (ଜମି ଅଧିଗ୍ରହଣ ପାଇଁ ମିଳୁଥିବା ଅର୍ଥିକ କ୍ଷତିପୂରଣ ବ୍ୟତୀତ) ।

୨୩- ପ୍ରଭାବିତ ଗ୍ରାମ ମାନଙ୍କରେ ମା' ଓ ଶିଶୁର ସ୍ଵାସ୍ଥ୍ୟ ଓ ପୁଷ୍ଟିସାଧନା ସ୍ତର ଶୌଚାଳୟ ନିର୍ମାଣ ତଥା ବାହ୍ୟ ମଳତ୍ୟାଗ ପ୍ରତିହତ କରିବା ପାଇଁ ନିୟମିତ ସ୍ଵାସ୍ଥ୍ୟ ପରୀକ୍ଷା ତଥା ଉପଯୋଗୀ କାର୍ଯ୍ୟକ୍ରମମାନ ହାତକୁ ନିଆଯିବା ଉଚିତ । ପ୍ରଭାବିତ ଗ୍ରାମମାନଙ୍କର ଚିକିତ୍ସା କର୍ମୀ ବ୍ୟକ୍ତି ବିଶେଷଙ୍କ ପରିକଳ୍ପେ ଭ୍ରାମ୍ୟମାଣ ସ୍ଵାସ୍ଥ୍ୟ କେନ୍ଦ୍ର ସଞ୍ଚାଳିତ ହେବା ଅବଶ୍ୟକ ।

୨୪- ବିସ୍ଥାପନ କଥା କହିଲା ବେଳକୁ ଲୋକମାନେ ବେଶ୍ ଭାବପ୍ରବଣ ହେବାର ଲକ୍ଷ୍ୟ କରାଯାଇଥିଲା । ବର୍ଷବ୍ୟାପୀ ରହୁଥିବା ଯୋଗୁଁ ସେମାନେ ଭୂମି ଓ ଗୋଷ୍ଠୀ ସହ ଭାବାତ୍ମକ ରୁପେ ଜଡ଼ିତ । ସେମାନେ ଆଶଙ୍କା ପ୍ରକଟ କରିଥିଲେ ଯେ ସେମାନଙ୍କ ଜୀବନ ଶୈଳୀ ପୂର୍ବପରି ରହିବ ନାହିଁ । ତେଣୁ ପ୍ରକଳ୍ପ କର୍ତୃପକ୍ଷ ପୁନର୍ବାସ ସମ୍ପର୍କରେ ଜନସାଧାରଣଙ୍କ ପସନ୍ଦ ଯୋଗ୍ୟ ସ୍ଥାନ ସମ୍ପର୍କରେ ଧ୍ୟାନ ହେବା ଉଚିତ ।

୨୫- ବିସ୍ଥାପିତ ଅଞ୍ଚଳର ପରିବାର ବର୍ଗଙ୍କ ଉଜୁଡ଼ି ଯାଇଥିବା ବୃକ୍ଷରାଜିର ଭରଣା ପାଇଁ ଫଳଧାରୀ ତଥା ଅଣଫଳଧାରୀ ବୃକ୍ଷର ଚାରା ଓ ମଞ୍ଜି ଯୋଗାଇ ଦିଆଯିବା ଉଚିତ। ପ୍ରଭାବିତ ଗ୍ରାମ ମାନଙ୍କରେ ଗୋଷ୍ଠୀଗତ ବୃକ୍ଷରୋପଣ ଅଭିଯାନର ଅଯ୍ମାରମ୍ଭ ହେବା ଉଚିତ ।

୨୬- ଶେଷ କଥା ହେଲେବି ସବୁଠାରୁ ଗୁରୁତ୍ଵପୂର୍ଣ୍ଣ ବିଷୟ ହେଉଛି ଯେ ଜନ ସାଧାରଣ ବିକାଶ ବା ଶିଳ୍ପ ସଂସ୍ଥା ସ୍ଥାପନ ବିରୋଧୀ ନୁହନ୍ତି । ଯଦି ସେମାନଙ୍କ ଯଥାର୍ଥ ଦାବୀର ପରିପୂରଣ କରାଯିବ ତେବେ ସେମାନେ ଗାଁ ଛାଡ଼ିବେ ଓ ପ୍ରକଳ୍ପ କର୍ତୃପକ୍ଷଙ୍କୁ ନିର୍ମାଣ କାର୍ଯ୍ୟଧାରା ପାଇଁ ଅନୁମତି ଦେବେ ।

ଜନଶୁଣାଣୀରେ ପ୍ରଭାବିତ ପରିବାର ଏବଂ ଗୋଷ୍ଠୀ ସମୁଦାୟ୍ ସେମାନଙ୍କର ଆପତ୍ତି ଅଭିଯୋଗ ଗୁଡିକ ପ୍ରକାଶ କରିବା ସଂଗେ ସଂଗେ ଲିଖିତ ଆକାରରେ ମଧ୍ୟ ଉପସ୍ଥାପନ କରିଛନ୍ତି, ଯାହା କି ନିମ୍ନରେ ବର୍ଣନା କରାଯାଇଛି

୧. ଶ୍ରୀଯୁକ୍ତ ସୁନୀଲ କୁମାର ପାଣିଗ୍ରାହୀ, ଗ୍ରାମ :ତରେଇକେଲା, ପ୍ରଭାବିତ ପରିବାର

i. ସମୁଦାୟ୍ ଜମିକୁ ଦୁଇଟି କିସମରେ ଭାଗ କରାଯାଉ ଯଥା ଘରବାଡ଼ି, ଚାଷ ଏବଂ ନଦୀ କୂଳରେ ଥିବା ଜମି
ii. ସମସ୍ତ ନଦୀ ପାର୍ଶ୍ଵ ଜମିକୁ ଚାଷ ଜମିରେ ପରିଣତ କର
iii. ୧୮ ବର୍ଷରୁ ଅଧିକ ପୁଅ ଏବଂ ଝିଅମାନଙ୍କୁ ଚାକିରି ବ୍ୟବସ୍ଥା
iv. ଜମି, ଘର, ବୃକ୍ଷ, କୂଅ ଇତ୍ୟାଦି ସମସ୍ତ ପ୍ରକାରର କ୍ଷତିପୂରଣକୁ ଏକା ଥରେ ଦିଆଯିବା ଉଚିତ୍
v. ଯଦି କୌଣସି ପ୍ରଭାବିତ ପରିବାର ନିଯୁକ୍ତି ପାଇଁ ଆଗ୍ରହୀ ନୁହଁନ୍ତି, ତେବେ ମାସିକ ଷ୍ଟାଇପେଣ୍ଡ ୧୦୦୦୦/ - ସହିତ ୫୦ଲକ୍ଷକୁ ଥରେ ଦେବାକୁ ପଡିବ
vi. ଚାଷଜମି କିମ୍ବା ସାଧରଣ ଜମିର ମୂଲ୍ୟ: ଏକର ପିଛା ଏକ କୋଟି ଏବଂ ଘରବାଡ଼ି ଜମି ୨ କୋଟି ଟଙ୍କା
vii. ବିସ୍ଥାପିତ ପରିବାର ପାଇଁ ଜମି ଚିହ୍ନଟ କରି ସର୍ବସାଧାରଣରେ ପ୍ରକାଶ କରିବା ଉଚିତ
viii. ସମସ୍ତ ଦେୟ୍ ଟିକସମୁକ୍ତ ହେବା ଉଚିତ୍

୨. ଶ୍ରୀ. ଶ୍ୟାମଶିଳା ସାହୁ, ଗ୍ରାମ: ତରେଇକେଲା, ପ୍ରଭାବିତ ପରିବାର

i. ସମୁଦାୟ୍ ଜମିକୁ ଦୁଇଟି କିସମରେ ଭାଗ କରାଯାଉ ଯଥା ଦୁଇ ଫସଲି ଏବଂ ଘରବାଡ଼ି
ii. ଚାଷଜମି କିମ୍ବା ସାଧରଣ ଜମିର ମୂଲ୍ୟ: ଏକର ପିଛା ଏକ କୋଟି
iii. ଏକର ପିଛା ଏକ କୋଟି କିଷାନପଡା ପରିବାରମାନଙ୍କ ପାଇଁ ଦେବା ଦରକାର
iv. ୧୮ ବର୍ଷରୁ ଅଧିକ ମାନଙ୍କ ପାଇଁ ଚାକିରି ବ୍ୟବସ୍ଥା
v. ବିସ୍ଥାପିତ ପରିବାର ପାଇଁ ଜମି ଚିହ୍ନଟ କରି ସର୍ବସାଧାରଣରେ ପ୍ରକାଶ କରିବା ଉଚିତ
vi. ପୁନଃ ଅବସ୍ଥାପିତ କ୍ଷେତ୍ର ରାଜସ୍ୱ ଗ୍ରାମ ଭାବରେ ଘୋଷଣା କରିବା ଉଚିତ
vii. ବିସ୍ଥାପିତ ପରିବାର ଗୁଡିକୁ "ଏ" ଶ୍ରେଣୀରେ ଘୋଷଣା କରିବା ଉଚିତ
viii. ଯଦି କୌଣସି ପ୍ରଭାବିତ ପରିବାର ନିଯୁକ୍ତି ପାଇଁ ଆଗ୍ରହୀ ନୁହଁନ୍ତି, ତେବେ ମାସିକ ଷ୍ଟାଇପେଣ୍ଡ ୧୦୦୦୦/ - ସହିତ ୫୦ଲକ୍ଷକୁ ଥରେ ଦେବାକୁ ପଡିବ
ix. ବିସ୍ଥାପିତ ପରିବାର ଗୁଡିକୁ ମାଗଣାରେ ଶିକ୍ଷା ଯୋଗାଇଦେବା ଉଚିତ
x. ବିସ୍ଥାପିତ ପରିବାର ଗୁଡିକୁ ମାଗଣାରେ ବିଜୁଳି ସୁବିଧା ଯୋଗାଇଦେବା ଉଚିତ

୩. ଶ୍ରୀ. ଆଦିତ୍ୟ ପ୍ରସାଦ ମିଶ୍ର,ସୁରେନ୍ଦ୍ର କୁମାର ମିଶ୍ର,ମୋତିଲାଲ ମିଶ୍ର,ମାନରଞ୍ଜନ ମିଶ୍ର ଗ୍ରାମ: ତୁମ୍ବେକେଲା, ପ୍ରଭାବିତ ପରିବାର

i. ଜମିର ମୂଲ୍ୟ: ଏକର ପିଛା ଦୁଇ କୋଟି
ii. ମାଗଣାରେ ସ୍ୱାସ୍ଥ୍ୟ ସୁବିଧା
iii. ମାଗଣାରେ ବିଜୁଳି ସୁବିଧା
iv. ମାଗଣାରେ ଶିକ୍ଷାସୁବିଧା
v. ଚାକିରି ବ୍ୟବସ୍ଥା
vi. ଜୀବନଜୀବିକା ପାଇଁ ମାସକୁ ୫୦ଲକ୍ଷ

୪.	ଶ୍ରୀ. ପର୍ଶୁରାମ ସେଠ, ପ୍ରଭାବିତ ପରିବାର

i. ମାଗଣାରେ ସ୍ୱାସ୍ଥ୍ୟ ସୁବିଧା
ii. ଯେଉଁ ପରିବାର ଗୁଡିକ ସରକାରୀ ଜମିରେ ରହୁଛନ୍ତି ସେମାନଙ୍କୁ ଆଂଶିକ ପ୍ରଭାବିତ ପରିବାର ଭାବେ ବିବେଚନା କରିବା
iii. ଯେଉଁ ପରିବାର ଗୁଡିକ ଜଙ୍ଗଲ ଜମିରେ ରହୁଛନ୍ତି ସେମାନଙ୍କୁ ଆଂଶିକ ପ୍ରଭାବିତ ପରିବାର ଭାବେ ବିବେଚନା କରିବା
iv. ସମସ୍ତ ପ୍ରକାରର କ୍ଷତିପୂରଣକୁ ଏକକାଳୀନ ଦିଆଯିବା ଉଚିତ୍
v. ମାଗଣାରେ ବିଜୁଳି ସୁବିଧା
vi. ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ଘର ଯୋଗାଇଦେବାର ବ୍ୟବସ୍ଥା
vii. ଚାକିରି ବ୍ୟବସ୍ଥା
viii. ୫୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ମାସିକ ୫୦୦୦/- ଭତ୍ତାର ବ୍ୟବସ୍ଥା
ix. ମାଗଣାରେ ଶିକ୍ଷାସୁବିଧା

ପରିଶେଷରେ ବିଶେଷଜ୍ଞଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରି ଉଚ୍ଚ ପ୍ରସଂଶା କରିଥିଲେ। ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀରେ ଅନୁମୋଦନ ହୋଇଥିବା ଉପରୋକ୍ତ ଦାବୀ ଗୁଡ଼ିକର ବାସ୍ତବିକ କାର୍ଯ୍ୟାନ୍ୱୟନ କରିବା ଦିଗରେ ବିଶେଷ ଯତ୍ନବାନ ହେବା ପାଇଁ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ପରାମର୍ଶ ଦେଇଥିଲେ ।

ପ୍ରକଳ୍ପର ପ୍ରତିକୂଳାତ୍ମକ ଦିଗ ଗୁଡ଼ିକର ସମାଧାନ ନିମନ୍ତେ, ବିସ୍ଥାପିତ ବ୍ୟକ୍ତି ବିଶେଷଙ୍କୁ ସେମାନଙ୍କ ପସନ୍ଦ ଅନୁଯାୟୀ ଉପଯୁକ୍ତ କଲୋନୀ ତଥା ସ୍ଥାନକୁ ସ୍ଥାନାନ୍ତରଣ ଓ ଥଇଥାନ, ଦକ୍ଷତା ନିର୍ମାଣ, ବୃତ୍ତିଗତ ପ୍ରଶିକ୍ଷଣ, ପ୍ରକଳ୍ପ ତଥା ସହାୟକ ସଂସ୍ଥା ମାନଙ୍କରେ ଉପାର୍ଜନ ନିମନ୍ତେ ବିସ୍ଥାପିତ ତଥା ପ୍ରଭାବିତ ପରିବାରର ସଦସ୍ୟଙ୍କ ନିୟୋଜନ, ସଂସ୍ଥା ବା ସୋସାଇଟି ଗଠନ ଦ୍ୱାରା ଯୁବ ବର୍ଗଙ୍କ ମଧ୍ୟରେ ଉପାର୍ଜନ କ୍ଷମତାର ବୃଦ୍ଧି ଏବଂ ମହିଳା ମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ବଜାର ସଂଯୋଗୀକରଣ ଉପଲବ୍ଧ କରାଯିବା ସଙ୍ଗେସଙ୍ଗେ ପରିବେଶର ସ୍ୱତନ୍ତ୍ର ଯତ୍ନ ନେବା ଓ ଗୋଷ୍ଠୀ ସ୍ତରରେ ସ୍ୱାସ୍ଥ୍ୟ ଓ ପୁଷ୍ଟି ସାଧନ ତଥା ବୃକ୍ଷରୋପଣ ପାଇଁ ସଚେତନତା କାର୍ଯ୍ୟକ୍ରମମାନ ହାତକୁ ନେଇ ଅତିକ୍ରମ କରାଯାଇ ପାରିବ ।

ନୂତନ ଆଇନ ଅନୁସାରେ ଜମି ଅଧିଗ୍ରହଣରେ ସ୍ୱଚ୍ଛତା ଏବଂ ନ୍ୟାୟସଙ୍ଗତ କ୍ଷତିପୂରଣ ଅଧିକାର ପୁର୍ନବାସ ଏବଂ ଥଇଥାନ ଆଇନ, ୨୦୧୩ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବା ପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ୍ କରି ଯଥାଶୀଘ୍ର ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଗଲା । ଏହି ପ୍ରକଳ୍ପ ଦ୍ୱାରା ହେଉଥିବା କ୍ଷୟକ୍ଷତି ଅପେକ୍ଷା ଅଞ୍ଚଳ ର ଉନ୍ନତିରେ ଅଧିକ ସହାୟକ ହେବ ବୋଲି ବିଶେଷଜ୍ଞ ଦଳ ହୃଦବୋଧ କଲେ ।

ଅପ୍ରୋଲୀ

ଜିଲ୍ଲାପାଳ, ଝାରସୁଗୁଡ଼ା